# NATIONAL NEWS BULLETIN (ODIA)
## 04th January - 2026
## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ବିଗତ ୧୧ ବର୍ଷ ମଧ୍ୟରେ ଦେଶର କ୍ରୀଡ଼ା କ୍ଷେତ୍ରରେ ଦକ୍ଷତାର ନିରନ୍ତର ଉନ୍ନତି ଘଟିଛି; କହିଲେ ପ୍ରଧାନମନ୍ତ୍ରୀ ।
- ଭାରତର ବିକାଶଯାତ୍ରା ଆହ୍ୱାନରେ ତାମିଲନାଡୁ ସାମିଲ୍ ହେବାପାଇଁ ରାଜ୍ୟବାସୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆହ୍ୱାନ ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ସପ୍ତାହେବ୍ୟାପୀ ଫ୍ରାନ୍ସ ଓ ଲକ୍ଜମ୍ବର୍ଗ ଗସ୍ତରେ ଯିବେ ।

ଏବଂ

- ଭେଞ୍ଜୁଆଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ଆମେରିକୀୟ ଡେମୋକ୍ରାଟିକ୍ ପାର୍ଟି ସାଂସଦଙ୍କର ବିରୋଧ ।

# ପି.ଏମ୍. - ବାରାଣାସୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ୨୦୧୪ ମସିହା ପରଠାରୁ ବିଭିନ୍ନ କ୍ରୀଡ଼ାକ୍ଷେତ୍ରରେ ଭାରତର ଦକ୍ଷତାର ନିରନ୍ତର ଭାବରେ ଉନ୍ନତି ପରିଲକ୍ଷିତ ହୋଇଛି । ବାରାଣାସୀଠାରେ ଆଜି ୭୨ତମ ଜାତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମୋଦି କହିଛନ୍ତି, ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାପାଇଁ ଭାରତ ଦୃଢ଼ ଦାବି କରୁଛି । ସେ କହିଛନ୍ତି, ସରକାର’ କ୍ରୀଡ଼ାକ୍ଷେତ୍ରରେ ଜାତୀୟ କ୍ରୀଡ଼ା ଗଭର୍ଣ୍ଣାନ୍ସ ଆକ୍ଟ ଏବଂ ଖେଲୋ ଭାରତୀ ନୀତି–୨୦୨୫ ଭଳି ବିଭିନ୍ନ ପରିବର୍ତ୍ତନ ଏବଂ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର କ୍ରୀଡ଼ା ମଡେଲ୍ ବର୍ତ୍ତମାନ କ୍ରୀଡ଼ାବିତ୍‌କୈନ୍ଦ୍ରିକ ହୋଇଛି । ଫଳରେ ୨୦୧୪ ମସିହା ପରଠାରୁ କ୍ରୀଡ଼ାବିତ୍‌ମାନଙ୍କର ସଫଳତା ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି । କ୍ରୀଡ଼ାକ୍ଷେତ୍ରରେ ସରକାରଙ୍କ ଉଦ୍ୟମ ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ସରକାର ବିଭିନ୍ନ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି । ପ୍ରତିଭାମାନଙ୍କୁ ଚିହ୍ନଟ, ବୈଜ୍ଞାନିକଗତ ପ୍ରଶିକ୍ଷଣ, କ୍ରୀଡ଼ାବିତ୍‌ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଏବଂ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟା ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ସେ କହିଛନ୍ତି, କ୍ରୀଡ଼ାକ୍ଷେତ୍ରରେ Gen-Z ତ୍ରିରଙ୍ଗା ଉତ୍ତୋଳନ କରୁଥିବାର ଦୃଶ୍ୟ ଦେଖିବା ପରେ ଦେଶ ନିଜକୁ ଗର୍ବିତ ଅନୁଭବ କରେ । ପ୍ରତ୍ୟେକଙ୍କ ନିଜର ଭୂମିକା, ଦାୟିତ୍ୱ

ରହିଛି । ପ୍ରତ୍ୟେକ ନିଜର ଦାୟିତ୍ୱକୁ ଗୁରୁତ୍ୱର ସହ ସମ୍ପାଦନ କଲେ ସଫଳତା ଅର୍ଜନ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ପ୍ରକ୍ରିୟାରେ ଦେଶ ସମଭାବେ ଏଦିଗରେ ଅଗ୍ରସର ହେଉଛି ବୋଲି ଶ୍ରୀ ମୋଦି କହିଛନ୍ତି । ଭଲିବଲ୍ ଏବଂ ବିକାଶ ମଧ୍ୟରେ ସମତୁଲତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭଲିବଲ୍ ହେଉଛି ଏକ ଖେଳ, ଯାହାକି ସମସ୍ତଙ୍କୁ ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବାପାଇଁ ପ୍ରେରଣା ଯୋଗାଇଥାଏ । ଏହି ଖେଳର ସାରମର୍ମ 'ଦେଶର ବିକାଶଯାତ୍ରା ଭଳି' । ଏଥିନିମନ୍ତେ ସହଯୋଗ ଏବଂ ସମସ୍ତଙ୍କ ପ୍ରସ୍ତୁତିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

***Voice (PM Vollyball)*** :........

ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟ ଏବଂ ସଙ୍ଗଠନର ୫୮ଟି ଦଳ ଅଂଶଗ୍ରହଣ କରିଛନ୍ତି ଏବଂ ୧ ହଜାରରୁ ଅଧିକ କ୍ରୀଡ଼ାବିତ୍ ସାମିଲ୍ ହୋଇଛନ୍ତି ।

## ଟି.ଏନ୍. - ଏଚ୍.ଏମ୍. ଅମିତ ଶାହା ଭିଜିଟ୍

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ତାମିଲନାଡୁକୁ ଦୁଇଦିନିଆ ଗସ୍ତରେ ଯାଇ ଆଜି ତିରୁଚିଚିରାପଲ୍ଲୀଠାରେ

ବି.ଜେ.ପି. ଦଳର ରାଜନୈତିକ ଅଭିଯାନର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ଆଗାମୀ ନିର୍ବାଚନରେ ତାମିଲ୍‌ନାଡୁରେ ଏନ୍.ଡି.ଏ. ସରକାର ଗଠନ କରିବ । ବି.ଜେ.ପି.' ଏ.ଆଇ.ଡି.ଏମ୍.କେ. ଏବଂ ଅନ୍ୟ ସହଯୋଗୀ ଦଳଙ୍କ ସହ ମିଶି କଂଗ୍ରେସ ବିରୋଧରେ ନିର୍ବାଚନରେ ମୁକାବିଲା କରିବ । ଶ୍ରୀ ଶାହା ଡି.ଏମ୍.କେ.କୁ ସମାଲୋଚନା କରି କହିଛନ୍ତି, ତାମିଲନାଡୁରେ ପରିବାର ରାଜନୀତିକୁ ଶେଷ କରିବାର ସମୟ ଉପନୀତ ହୋଇଛି । ଡି.ଏମ୍.କେ.ର ସ୍ୱପ୍ନକୁ ପୂରଣ ହେବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ତାମିଲନନାଡୁ ଜନତାଙ୍କୁ ଆହ୍ୱାନ ଦେଇ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚାଲିଥିବା ଭାରତର ବିକାଶ ଯାତ୍ରାରେ ତାମିଲନାଡୁକୁ ସାମିଲ୍ କରିବା ଲାଗି ସମସ୍ତେ ପ୍ରୟାସ କରିବା ଉଚିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ତାମିଲ୍ ଭାଷାର ପ୍ରଚାର ଓ ପ୍ରସାରପାଇଁ ଅନେକ କାର୍ଯ୍ୟ କରିଥିବା ସେ କହିଛନ୍ତି । ମେଡିକାଲ୍ ପାଠ୍ୟକ୍ରମକୁ ତାମିଲ୍ ଭାଷାରେ ଶିକ୍ଷାଦାନ ପାଇଁ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି ।

ପୂର୍ବରୁ ତିରୁଚି ବିମାନବନ୍ଦରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡି.ଏଲ୍. ମୁରୁଗାନ୍‌ଙ୍କ ସମେତ ଦଳୀୟ ନେତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ଜଣାଇଥିଲେ । ଆସନ୍ତାକାଲି ତିରୁଚିଠାରେ ସେ ଶ୍ରୀରଙ୍ଗମ୍ ମନ୍ଦିର ଦର୍ଶନ କରିବା ସହ ପୋଙ୍ଗଲ ପର୍ବରେ ଅଂଶଗ୍ରହଣ କରିବେ ।

# ପ୍ରଗତି ମଞ୍ଚ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଞ୍ଚ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତୁରନ୍ତ ଏବଂହ ସମୟୋଚିତ କାର୍ଯ୍ୟକାରିତାରେ ବିଶେଷ ଭାବେ ସହାୟକ ହୋଇଛି । ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍‌ର ଦୋହରୀକରଣ ପ୍ରକଳ୍ପ ଏହାର ଏକ ଜ୍ୱଳନ୍ତ ଉଦାହରଣ । ୭୦ କିଲୋମିଟର ଲମ୍ବ ଏହି ପ୍ରକଳ୍ପକୁ ୨୦୧୨ ମସିହାରେ ମଞ୍ଜୁରି ମିଳିଥିଲା । ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ୧ ହଜାର ୬୫୦ କୋଟି ଟଙ୍କା ମଞ୍ଜୁର କରିଥିଲା ।

ଭୁବନେଶ୍ୱର-ଡେଲାଙ୍ଗ ସେକ୍ସନର ୪୦ କିଲୋମିଟର ରେଳ ଲାଇନ୍ ଏବଂ ଡେଲାଙ୍ଗ-ସାକ୍ଷୀଗୋପାଳ ସେକ୍ସନର ୧୩ କିଲୋମିଟର ରେଳ ଲାଇନ୍‌ର ଦୋହରୀକରଣ ସରିଥିଲା । ହେଲେ, ୧୭ କିଲୋମିଟର ବିଶିଷ୍ଟ ସାକ୍ଷୀଗୋପାଳ-ପୁରୀ ସେକ୍ସନର କାର୍ଯ୍ୟ ସରିବାରେ ବିଳମ୍ବ ହୋଇଥିଲା । ଏହି ପ୍ରକଳ୍ପର ଠିକ୍ ସମୟରେ କାର୍ଯ୍ୟ ସମାପ୍ତ କରିବାପାଇଁ ୨୦୧୫ ମସିହା ଜୁନ୍ ମାସରେ ପ୍ରଗତି ବୈଠକରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପକୁ ସର୍ବୋଚ୍ଚ ପ୍ରାଥମିକତା ଓ ଗୁରୁତ୍ୱ ଦିଆଯାଇ ଯଥାଶୀଘ୍ର କାର୍ଯ୍ୟ ସମ୍ପାଦନ ହୋଇଥିଲା । ଯାହାର ପରିଣାମସ୍ୱରୂପ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳଲଶଇନ୍ ସିଙ୍ଗଲ୍ ଲାଇନରୁ ଡବଲ ଲାଇନ୍ ହେବା

ସହିତ ଏହି ମାର୍ଗରେ ଯାତ୍ରା କରୁଥିବା ଟ୍ରେନ୍ ଏବଂ ଯାତ୍ରୀଙ୍କ କ୍ଷମତା ପ୍ରାୟ ଦୁଇରୁ ତିନିଗୁଣ ବୃଦ୍ଧି ପାଇଥିଲା । ଭାରତର ପ୍ରମୁଖ ତୀର୍ଥସ୍ଥଳୀ ପୁରୀକୁ ଅଧିକ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କର ରେଳଯାତ୍ରା ସୁଗମ ସହିତ ପର୍ଯ୍ୟଟନର ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଯୋଗଦାନ ମିଳିଥିଲା ।

## ଜୟଶଙ୍କର - ଲକ୍‌ଜମ୍‌ବର୍ଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଫ୍ରାନ୍‌ସ ଏବଂ ଲକ୍‌ଜମ୍‌ବର୍ଗ ଗସ୍ତରେ ଯିବେ । ପ୍ୟାରିସ୍‌ଠାରେ ଶ୍ରୀ ଜୟଶଙ୍କର ଫ୍ରାନ୍‌ସ ପ୍ରତିପକ୍ଷ ଜିନ୍ ନୋଏଲ୍ ବାରୋଟ୍ ଏବଂ ଅନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ପକ୍ଷ ଭାରତ-ଫ୍ରାନ୍‌ସ ରଣନୈତିକ ଭାଗିଦାରିତା ଅଧୀନରେ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଏବଂ ଏହାର ବିଶ୍ୱସ୍ତରୀୟ ଗୁରୁତ୍ୱ ପ୍ରସଙ୍ଗରେ କଥାବାର୍ତ୍ତା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୩୧ତମ ଫ୍ରାନ୍‌ସ ରାଷ୍ଟ୍ରଦୂତ ସମ୍ମିଳନୀରେ ଡକ୍ଟର ଜୟଶଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ ।

ଏହାପରେ ସେ ଲକ୍‌ଜମ୍‌ବର୍ଗ ଯାଇ ସେଠାକାର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ୍ ବ୍ୟାପାର ମନ୍ତ୍ରୀ ଜାଭିୟର୍ ବେଟ୍ଟେଲ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବେ । ଲକ୍‌ଜମ୍‌ବର୍ଗଠାରେ ସେ ପ୍ରବାସୀ ଭାରତୀୟଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରୋଟେଷ୍ଟ - ୟୁ.ଏସ୍.

ଯୁକ୍ତରାଷ୍ଟ୍ର ଆମେରିକାର ଡେମୋକ୍ରାଟିକ୍ ପାର୍ଟିର ସାଂସଦମାନେ’ ଭେଞ୍ଜୁଆଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ସେଠାକାର ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କୁ ଅଟକ ରଖାଯିବା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ସେଠାକାର କେତେକ ଗଣମାଧ୍ୟମ ସଂସ୍ଥା ମଧ୍ୟ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନର ବୈଧତା ଉପରେ ପ୍ରଶ୍ନବାଚୀ କରିଛନ୍ତି । ଇତିମଧ୍ୟରେ ଆମେରିକାର ୱାଶିଂଟନ୍, ବୋଷ୍ଟନ୍, ଲସ୍ ଆଞ୍ଜେଲସ୍, ଆଟ୍‌ଲାଣ୍ଟା, ସିକାଗୋ ଏବଂ ମିଆଁମି ଆଦି ସହରଗୁଡ଼ିକର ରାଜରାସ୍ତାରେ ଗତକାଲି ବହୁସଂଖ୍ୟାରେ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶତାଧିକ ବିକ୍ଷୋଭକାରୀ ଟାଇମ୍‌ସ୍ ସ୍କୋୟାର୍ ନିକଟରେ ଏକତ୍ରିତ ହୋଇ ଭେଞ୍ଜୁଆଲା ସପକ୍ଷରେ ସ୍ଲୋଗାନ ଦେଇଥିଲେ । ଭେଞ୍ଜୁଆଲା ନେତା ନିକୋଲାସ୍ ମଦୁରୋଙ୍କୁ ବିତାଡ଼ିତ କରାଯିବା ସାମ୍ରାଜ୍ୟବାଦ କାର୍ଯ୍ୟ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି ।

ଆମେରିକାବାସୀ ଏହାକୁ କେବେ ସମର୍ଥନ କରି ନ ଥିଲେ ଏବଂ ଆମେରିକା କଂଗ୍ରେସର ବିନା ଅନୁମୋଦନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଇଛି ।

## ପି.ଆଇ.ବି. - ଫ୍ୟାକ୍ଟଚେକ୍

ସରକାରଙ୍କ ପକ୍ଷରୁ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ସୁନା, ମୋବାଇଲ୍ ଫୋନ୍, ଦୁଇ ଏବଂ ଚାରିଚକିଆ ଯାନ ଆଦି ସାମଗ୍ରୀଗୁଡ଼ିକୁ ମାଗଣାରେ ଦେବା ଲାଗି ଘୋଷଣା କରିଥିବା ସମ୍ପର୍କିତ ଏକ ଭିଡ଼ିଓକୁ ଅଗ୍ରାହ୍ୟ କରାଯାଇଛି । ଏହି ଭିଡ଼ିଓ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ ବୋଲି କୁହାଯାଇଛି । ପ୍ରଧାନମନ୍ତ୍ରୀ ଏ ସମ୍ପର୍କିତ କୌଣସି ଘୋଷଣା କରି ନ ଥିବା ସମ୍ପର୍କରେ ପତ୍ର ସୂଚନା କାର୍ଯ୍ୟାଳୟର ତଥ୍ୟ ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହି ଭିଡ଼ିଓ ଏ.ଆଇ.ଦ୍ୱାରା ନିର୍ମିତ ଏବଂ ମିଥ୍ୟା ବୋଲି କୁହାଯାଇଛି । ସରକାରଙ୍କ ପକ୍ଷରୁ ନାଗରିକମାନଙ୍କୁ କୌଣସି ମିଥ୍ୟା ସୂଚନା ସମ୍ପର୍କରେ ସଚେତନ ହେବା ସହ କୌଣସି ତଥ୍ୟକୁ ବିଶ୍ୱାସ କରିବା ପୂର୍ବରୁ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ଲାଗି କୁହାଯାଇଛି ।

# କେରଳ - ନୋଟିଫିକେସନ୍

କେରଳର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଆଣ୍ଟୋନୀ ରାଜୁ ତଥ୍ୟ ଜାଲିଆତି ମାମଲାରେ ଅଭିଯୁକ୍ତ ହେବା ପରେ ବିଧାନସଭାର ସଦସ୍ୟ ପଦ ହରାଇବେ । କୋର୍ଟ ନିର୍ଦ୍ଦେଶନାମା ଆସିବା ପରେ ବିଧାନସଭା ସଚିବାଳୟ ପକ୍ଷରୁ ଏ ସମ୍ପର୍କରେ ଔପଚାରିକ ବିଜ୍ଞପ୍ତି ଜାରି କରାଯିବ । ନେଦୁମଙ୍ଗଡ଼ ପ୍ରଥମ ଶ୍ରେଣୀ ବିଚାରବିଭାଗ ଅଦାଲତ ପକ୍ଷରୁ ଗତକାଲି ଆଣ୍ଟୋନୀ ରାଜୁଙ୍କ ଏହି ମାମଲରେ ୩ ବର୍ଷ କାରାଦଣ୍ଡାଦେଶ ଦିଆଯାଇଛି । ଆସନ୍ତା ୬ ବର୍ଷପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ରାୟରେ କୁହାଯାଇଛି । ଇତିମଧ୍ୟରେ ଅଦାଲତ ପକ୍ଷରୁ ତାଙ୍କ ଆବେଦନ ଉପରେ ଶେଷ ଶୁଣାଣି ହେବା ପର୍ଯ୍ୟନ୍ତ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି । ତାଙ୍କ ଦଣ୍ଡାଦେଶ ୭ ବର୍ଷରୁ କମ୍ ହେଉଥିବାରୁ ଏହି ଜାମିନ ମଞ୍ଜୁର କରାଯାଇଛି ।

# ନାଇଜେରିଆ କିଲ୍ଡ୍

ନାଇଜେରିଆର ଉତ୍ତରାଞ୍ଚଳର କାସୁୱାନ୍-ଡାଜି ଗ୍ରାମରେ ବନ୍ଧୁକଧାରୀଙ୍କ ଗୁଳିରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ କେତେଜଣଙ୍କୁ ମଧ୍ୟ ଅପହରଣ କରାଯାଇଛି । ପୁଲିସ୍ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି,

ବନ୍ଧୁକଧାରୀମାନେ ଜନବସତି ଅଞ୍ଚଳରେ ଗୁଳିଗୋଳା ବର୍ଷଣ କରିଥିଲେ ଏବଂ ସ୍ଥାନୀୟ ବଜାର ଓ ଆବାସିକ ସ୍ଥଳୀଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ ।

## ଏନ୍.କେ. - ଜାପାନ ମିଶାଇଲ୍ ଲଞ୍ଚ୍

ଉତ୍ତର କୋରିଆ ଆଜି ସମୁଦ୍ର ଆଡକୁ ଏକାଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ଜାପାନ ଜରୁରୀକାଳୀନ ପରିସ୍ଥିତି ଜାରି କରିଛି । ଦକ୍ଷିଣ କୋରିଆର ଯୁଗ୍ମ ମୁଖ୍ୟ କର୍ମଚାରୀ ଏକ ବିବୃତ୍ତିରେ କହିଛନ୍ତି, ଉତ୍ତର କୋରିଆର ରାଜଧାନୀ ଅଞ୍ଚଳରୁ ଅନେକ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ ଚିହ୍ନଟ ହୋଇଛି । ଆମେରିକା ସେନା ପକ୍ଷରୁ କୁହାଯାଇଛି, ଉତ୍ତର କୋରିଆର ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କରେ ଆମେରିକା ସଚେତନ ରହିଛି । ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍’ ଚୀନ୍ ରାଷ୍ଟ୍ରପତି ଷି ଜନ୍‌ପିଙ୍ଗ୍‌ଙ୍କ ସହ ବେଜିଂଠାରେ କଥାବାର୍ତ୍ତା ଲାଗି ପ୍ରସ୍ତୁତ ହେଉଥିବା ପରିପ୍ରେକ୍ଷୀରେ ଆମେରିକା ପକ୍ଷରୁ ଏହା କୁହାଯାଇଛି । ଆମେରିକା’ ସେହି ଅଞ୍ଚଳର ସୁରକ୍ଷା ପ୍ରତି ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି କହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ’ ଭେଞ୍ଜୁଏଲାର ରାଷ୍ଟ୍ରପତି ନିକୋଲାସ ମଦୁରୋ’ଙ୍କ ବିରୋଧରେ କରିଥିବା କାର୍ଯ୍ୟାନୁଷ୍ଠାନ ପରେ ଉତ୍ତର କୋରିଆ ପକ୍ଷରୁ ଏପରି କ୍ଷେପଣାସ୍ତ୍ର ପରୀକ୍ଷଣ

କରାଯାଇଥିବା ସୂଚନା ମିଳିଛି । ଏହି ପରୀକ୍ଷଣ ହେଉଛି ଚଳିତ ସପ୍ତାହରେ ଉତ୍ତର କୋରିଆ ପକ୍ଷରୁ ସଦ୍ୟତମ ସାମରିକ ପ୍ରଦର୍ଶନ  ବୋଲି କୁହାଯାଇଛି ।

*****